## ସଂକ୍ଷେପରେ

### ପୁଣି ଦିଲୀପ ସଭାପତି, ସୂର୍ଯ୍ୟକାନ୍ତ ସମ୍ପାଦକ

#### ଭଦ୍ରକ ଓକିଲ ସଂଘ ନିର୍ବାଚନ



ଭଦ୍ରକ ଅଫିସ, ୨୭।୩-ଭଦ୍ରକ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୁନଃ ସଭାପତି ଭାବେ ଦିଲୀପ ମହାପାତ୍ର ଓ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ କୁଅଁର ନିର୍ବାଚିତ ହାଇଛନ୍ତି। ଉପସଭାପତି ଭାବେ ଗୋପବନ୍ଧୁ ଦୀକ୍ଷିତ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଯୁଗ୍ମ ସମ୍ପାଦକ ନିକୁଞ୍ଜ କିଶୋର ପୁହାଣ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁଶାନ୍ତ ଜେନା, ଗିରିଜା ଦାସ ଓ ସଞ୍ଜୀବ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ୮ଶହରୁ ଉର୍ଦ୍ଧ୍ୱ ଆଇନଜୀବୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ।

### ସହଦେବ ଓକିଲ ସଂଘ ସଭାପତି

ବାସୁଦେବପୁର, ୨୭।୩ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ



ଆଇନଜୀବୀ ସହଦେବ ଦାଶ ଓ ସମ୍ପାଦକ ଭାବେ ମଧୁସୂଦନ ଜେନା ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଶୁଭପ୍ରକାଶ ନାୟକ, ସହସମ୍ପାଦକ ବିଜୟ କୁମାର ରାୟ ଓ କୋଷାଧ୍ୟକ୍ଷ ରୂପେ ଆଶୁତୋଷ ସାମଲ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ମଧରେ ଆଇନଜୀବୀ ଚକ୍ରଧର ମହାଳିକ, କୃପାସିନ୍ଧୁ ଜେନା ଓ ସୁଜିତ କୁମାର ଦାସ ଅଛନ୍ତି। ନବନିର୍ବାଚିତ ସଭାପତି, ସମ୍ପାଦକ ଓ ନୂତନ କର୍ମକର୍ତ୍ତାଙ୍କୁ ଆଇନଜୀବୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଓଭରବ୍ରିଜ୍ ତଳକୁ ଓଲଟିଲା ଟ୍ରେଲର

ବୈଶିଙ୍ଗା,୨୭।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଆଗ୍ରିଆ ଓଭରବ୍ରିଜ୍ ଉପରୁ ତଳକୁ ଖସି ପଡ଼ିଛି ଏକ ଲୁହା ସ୍କ୍ରାପ ବୋଝେଇ ଟ୍ରେଲର। ଶନିବାର ସକାଳେ ବେତନଟୀରୁ ବୈଶିଙ୍ଗା ଅଭିମୁଖେ ଯାଉଥିବା ଏହି ଟ୍ରେଲରଟି ଭାରସାମ୍ୟ ହରାଇ ଓଭରବ୍ରିଜ୍ ଉପରୁ ତଳକୁ ଖସି ପଡ଼ିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରେଲର କ୍ୟାବିନ୍ ଭିତରେ ଚାପି ହୋଇ ରହିଥିବା ଡ୍ରାଇଭର ଓ ଖଲାସୀଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବୈଶିଙ୍ଗା ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି। ତେବେ ଲୁହା ସ୍କ୍ରାପ ଗୁଡିକ ପାଖ ବିଲ ଭିତରେ ବିକ୍ଷିପ୍ତ ଭାବରେ ପଡ଼ି ରହିଥିବାରୁ ଉକ୍ତ ଅଞ୍ଚଳରେ ଯାତାୟାତ କରିବା ନେଇ ସମସ୍ୟା ଦେଖାଦେଇଛି। ଏହାକୁ ନେଇ ଚିନ୍ତାରେ ଗ୍ରାମବାସୀ ପଡ଼ିଛନ୍ତି।

# ରଙ୍ଗ ତୂଳୀରେ ଭବିଷ୍ୟତ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୨୭।୩**

#### ଚିତ୍ର ଆଙ୍କି ଦୃଷ୍ଟାନ୍ତ ପାଲଟିଛନ୍ତି ନିରାଶ୍ରୟ ଆକାଶ



ଚିତ୍ର ଆଙ୍କିବାରେ ନିମଗ୍ନ ଆକାଶ।

ହାତରେ ରଙ୍ଗ ଓ ତୂଳୀ। ଦିନେ ନିରାଶ୍ରୟ ଭାବେ ରାସ୍ତା କଡ଼ରେ ଘୁରି ବୁଲିଥିବା ନାବାଳକ ଆକାଶ ଆଜି ଚିତ୍ର ଆଙ୍କି ନୂଆ ପରିଚୟ ସୃଷ୍ଟି କରିଛନ୍ତି। ମୁକ୍ତାଶ୍ରୟ କେନ୍ଦ୍ରରେ ରହୁଥିବା ପିତୃମାତୃ ହୀନ ଏହି ୧୨ ବର୍ଷର ନାବାଳକ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ନିଜ ପ୍ରତିଭାକୁ ବିକଶିତ କରି ଅନ୍ୟମାନଙ୍କ ପାଇଁ ସେ ଦୃଷ୍ଟାନ୍ତ ସାଜିଛନ୍ତି।

ମାତ୍ର ୧୦ ବର୍ଷ ବୟସର ହୋଇଥିବା ବେଳେ ମା' ବାପା ତାଙ୍କୁ ଛାଡି କୁଆଡ଼େ ପଳାଇଗଲେ। ନିରାଶ୍ରୟ ଭାବେ ଦୁଃଖରେ ଦିନ କାଟୁଥିବା ବେଳେ ତାଙ୍କୁ ଆଶ୍ରୟ ଦେଇଥିଲେ ଜଣେ ସମ୍ପର୍କୀୟ ବଡ଼ବାପା। ଦିନେ ମଦ୍ୟପାନ କରି ବଡ଼ବାପା ମାରଧର କରିବାରୁ ଘରୁ ଟ୍ରେନରେ ବସି ଭୁବନେଶ୍ୱର ପଳାଇଥିଲେ ଆକାଶ। ଅଖିଆଅପିଆ ଅବସ୍ଥାରେ ବୁଲୁଥିବା ବେଳେ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର ହୋଇ ସେଠାରେ ଏକ ମୁକ୍ତାଶୟ କେନ୍ଦ୍ରରେ ଆଶ୍ରୟ ନେଇଥିଲେ ।

ପରବର୍ତ୍ତୀ ସମୟରେ ତାଙ୍କ ଘର କେନ୍ଦୁଝର ଜିଲାରେ ବୋଲି ଜାଣିବା ପରେ ସେଠାରୁ କେନ୍ଦୁଝର ଜିଲାକୁ ଗତ ଫେବୃୟାରୀ ମାସରେ ପଠାଇ ଦିଆଗଲା। ଶିଶୁ ମଙ୍ଗଳ ସମିତିଙ୍କ ଆଦେଶକ୍ରମେ କେନ୍ଦୁଝର ସହର ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ତାଙ୍କର ଚିତ୍ରାଙ୍କନ ପ୍ରତି ଥିବା ରୁଚିକୁ ଅନୁଧ୍ୟାନ କରି ସଂଗଠନର କର୍ମକର୍ତ୍ତାମାନେ ଚିତ୍ର ଆଙ୍କିବା ପାଇଁ ପ୍ରୋତ୍ସାହିତ କରିଥିଲେ। ତାଙ୍କ ହାତରେ ରଙ୍ଗ ଓ ତୂଳୀ ଧରେଇ ଦେଲେ। ତେବେ ଏହି ରଙ୍ଗ ତୁଳୀରେ ବିଭିନ୍ନ ପ୍ରକାରର ଚିତ୍ରାଙ୍କନ ଆଙ୍କିବା ପରେ ତାହା ଅନ୍ୟ ଅନ୍ତେବାସୀ ତଥା କର୍ମକର୍ତ୍ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେନ୍ଦ୍ରର ସଂଯୋଜକ ସରୋଜ ପଟ୍ଟନାୟକ ତାଙ୍କୁ ପ୍ରାଚୀର ଚିତ୍ରାଙ୍କନ (ୱାଲ୍ ପେଣ୍ଟିଂ) କରିବାକୁ ପ୍ରୋତ୍ସାହିତ କରିଥିଲେ। ସାଥୀ ଅନ୍ତେବାସୀଙ୍କ ସହଯୋଗରେ ପ୍ରାଚୀର କାନ୍ଥରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଥିଲେ ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ଭାରତ ମାନଚିତ୍ର, ସୌରଜଗତ, ସୂର୍ଯ୍ୟପରାଗ ଭଳି ଚିତ୍ର ଆଙ୍କି ସମସ୍ତଙ୍କୁ ବିମୁଗ୍ଧ କରିବା ସହ ଅନ୍ୟ ଅନ୍ତେବାସୀ ଶିଶୁଙ୍କ ପାଇଁ ରୋଲ ମଡେଲ୍ ପାଲଟିଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି ବୁଦ୍ଧୁରାମ ଓ ଆକାଶ ନାୟକ। ଏହି ବୟସରେ ଚିତ୍ର ଆଙ୍କିବାର ନିଶା ତାଙ୍କୁ ବଞ୍ଚିବାର ରାହା ଦେଖାଇଥିବା ବେଳେ ଭବିଷ୍ୟତରେ ଜଣେ ଭଲ ପେଣ୍ଟର ହୋଇ ଚିତ୍ର ଆଙ୍କି ରୋଜଗାରକ୍ଷମ ହୋଇ ପାରିବେ ବୋଲି ଆଶା ରଖିଛନ୍ତି। ତାଙ୍କ ଭଳି ମା' ବାପା ହରା ନିରାଶ୍ରିତ ପିଲାଙ୍କ ପାଇଁ ଆଶାର ଆଲୋକ ହୋଇପାରିବେ ବୋଲି ସ୍ୱପ୍ନ ଦେଖିଛନ୍ତି। ଏଣୁ ଉଚିତ ତାଲିମ ଓ ପ୍ରୋତ୍ସାହନ ମିଳିଲେ ସେ ଆଗକୁ ସ୍ୱାବଲମ୍ବୀ ହୋଇ ବଞ୍ଚିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ପାରିବେ ବୋଲି କେନ୍ଦ୍ରର ପରିଚାଳକ ସରୋଜ ପଟ୍ଟନାୟକ କହିଛନ୍ତି।

## 'ସୁସ୍ଥ ଜୀବନ ପାଇଁ ଯୋଗ ଜରୁରୀ'

**ସିମୁଳିଆ,୨୭।୩(ଡି.ଏନ.ଏ.)**

ଯୋଗଦ୍ୱାରା ନିରୋଗ ରହିବା ଉଦ୍ଦେଶ୍ୟରେ ରବିବାର ସକାଳ ୯ରୁ ୧୨ଟା ପର୍ଯ୍ୟନ୍ତ ସିମୁଳିଆ ବ୍ଲକର ମାର୍କୋଣା ନୀଳକଣ୍ଠେଶ୍ୱର ମନ୍ଦିର ପଡ଼ିଆରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ବାଲେଶ୍ୱର ଶାଖା ଦ୍ୱାରା ଯୋଗ ଶିବିର ଆୟୋଜିତ ହୋଇଥିଲା। ସିମୁଳିଆ ବ୍ଲକ ଶାଖାର ସଭାପତି କିଶୋର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଲେଶ୍ୱର ଜିଲା ପ୍ରଭାରୀ କରୁଣାକର ଶିଅଳ, ମହିଳା ପ୍ରଭାରୀ ଯଶୋବନ୍ତ ଶିଅଳ, ଜିଲା ଯୋଗ ପ୍ରଭାରୀ ମନୋଜ କୁମାର ଦେ, ଖଇରା ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସୁସ୍ଥ ଜୀବନ ଯାପନ ପାଇଁ ଯୋଗର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଧ୍ୟାନ ଓ ଯୋଗକୁ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ଯୋଗ ଶିବିର ଆୟୋଜନ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିପାଇଁ ୧୫ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲ ପ୍ରଭାରୀ ଜଗନ୍ନାଥ ସାହୁ, ରାମଚନ୍ଦ୍ର ବାରିକ, ନୟନା ମଲିକ, ସ୍ୱପ୍ନାରାଣୀ ସାହୁ, ସୁଶାନ୍ତ ନାୟକ ପ୍ରମୁଖ ଥିଲେ। କୋଷାଧ୍ୟକ୍ଷ ଅନନ୍ତ ପ୍ରସାଦ ପଣ୍ଡା ମୁଖ୍ୟ ସହଯୋଗୀ ଥିଲେ।



ମାର୍କୋଣାରେ ଅନୁଷ୍ଠିତ ଯୋଗ ଶିବିର।

## ମନୋଜ ସଭାପତି, ସମ୍ବିତ ସମ୍ପାଦକ

**ବାଲେଶ୍ୱର ଅଫିସ,୨୭।୩**

#### ବାଲେଶ୍ୱର ବାର୍ ଆସୋସିଏଶନ୍ ନିର୍ବାଚନ

ବାଲେଶ୍ୱର ଜିଲା ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ ସରିଛି। ସଭାପତି ଭାବେ ଆଇନଜୀବୀ ମନୋଜ କୁମାର ନାୟକ ଓ ସମ୍ପାଦକ ଭାବେ ସମ୍ବିତ କୁମାର ନନ୍ଦୀ ନିର୍ବାଚିତ ହୋଇଛନ୍ତି। ସେହିପରି ଉପ-ସଭାପତି ଭାବେ ନୃସିଂହ ଚରଣ ନାୟକ, ସହ-ସମ୍ପାଦକ ରଞ୍ଜିତ ପଣ୍ଡା ଓ ସୂର୍ଯ୍ୟକାନ୍ତ କର, କୋଷାଧ୍ୟକ୍ଷ ଶକ୍ତିଧର ସାନ୍ତରା, ସହ-କୋଷାଧ୍ୟକ୍ଷ ଭାବେ ପିନାକୀ ଧୀର ନିର୍ବାଚିତ ହୋଇଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ଭାବେ ରିତାଞ୍ଜଳି ନନ୍ଦ, ବାସନ୍ତି ସାହୁ, ପ୍ରଭାତ କୁମାର ଦାସ, ସଞ୍ଜୟ କୁମାର ଚୌଧୁରୀ, କିଶୋର ବଲ୍ଲଭ ଦାସ, ସୌରୀ ଶଙ୍କର ପରିଡ଼ା, ଜ୍ଞାନରଞ୍ଜନ ପାଣି, ଅକ୍ଷୟ କୁମାର ପାତ୍ର, ମମତା ବେହେରା, ରାମକୃଷ୍ଣ ଜେନା, ବିଜୟ କୁମାର ପରିଡ଼ା, ଦେବାଶିଷ ପାତ୍ର ନିର୍ବାଚିତ ହୋଇଥିବା ନେଇ ସଂଘର ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ବାର୍ ଆସୋସିଏସନ୍‌ରେ ସଦସ୍ୟ ସଂଖ୍ୟା ୧୨୪୧ ଜଣ ଥିବା ବେଳେ ୧୯ଟି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଛୁରି ଭୁସି ଯୁବକଙ୍କୁ ହତ୍ୟା

**ଯୋଡ଼ା,୨୭।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ଗଣେଶ ଭବନ ଠାରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ମାନେ ଛୁରୀ ଭୁସି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ନାଜିମ ଶେଖ( ୨୨)। ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦରେ। ସେ ଯୋଡ଼ାରେ ରହି ଏକ କମ୍ପାନୀର କଣ୍ଟ୍ରାକ୍ଟର ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଗଣେଶ ଭବନ ଠାରେ ରହୁଥିବା ନାଜିମଙ୍କୁ ଦୁଇ ଜଣ ଦୁର୍ବୃତ୍ତ ବାହାରକୁ ଡକାଇଥିଲେ। ଗେଟ ବାହାରେ କୌଣସି କାରଣରୁ ବଚସା ହୋଇଥିଲା ଏବଂ ତାଙ୍କୁ ଉକ୍ତ ଦୁଇ ଜଣ ଦୁର୍ବୃତ୍ତ ପେଟରେ ଛୁରୀ ଭୁସି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ନାଜିମ ଚିତ୍କାର କରିବାରୁ ସେଠାରେ ଥିବା ଲୋକମାନେ ଆସି ତାଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନାଜିମଙ୍କ ସାନଭାଇ ସମୟାନ ଯୋଡ଼ା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୫୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରି ଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

## ଏଥର ଜଗନ୍ନାଥଙ୍କ ୧୦ ବେଶ

**ଖଇରା,୨୭।୩(ଡି.ଏନ.ଏ.)**

#### ୩୦ରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳା ପଡ଼ିଆରେ ଆସନ୍ତା ୩୦ ତାରିଖରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର ଅନୁଷ୍ଠିତ ହେବ। ଏଥର ଗୀତା ଯଜ୍ଞ ସାଙ୍ଗକୁ ଜଗନ୍ନାଥଙ୍କ ୧୦ ବେଶ ପ୍ରଦର୍ଶିତ ହେବ। ସକାଳ ୮ଟା ସମୟରେ ଜଗନ୍ନାଥ ସଂସ୍କୃତି ବିଷୟରେ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ପୁରୀ ଚାରଣ ଗୋଷ୍ଠୀ ଓ ପତିରାଜପୁର ମେଳା କମିଟିର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜଗନ୍ନାଥଙ୍କ ଦୈନିକ ନିତୀ, ଦଇତାପତି ସେବା,ଛପନ ଭୋଗ,ଜନଜୀବନରେ ଜଗନ୍ନାଥ ଇତ୍ୟାଦି ଉପରେ ଆଧ୍ୟାତ୍ମିକ ଆଲୋଚନା କରାଯିବ। ଜଗନ୍ନାଥଙ୍କ ବଡପଣ୍ଡା,ବାଡ଼ଗ୍ରାହୀ, ବଡ଼ ଶୁଆର ନିଯୋଗ, ଆନ୍ତର୍ଜାତିକ ଚାରଣ ଗୋଷ୍ଠୀର କର୍ମକର୍ତ୍ତା ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ ବୋଲି ରବିବାର ଗୋଳିହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଚାରଣ ଗୋଷ୍ଠୀ ଏବଂ ପତିରାଜପୁର ମେଳା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଚାରଣ ଗୋଷ୍ଠୀର ସଭାପତି ରାମଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀ ଓ ପ୍ରସ୍ତୁତି ବୈଠକରେ ସମ୍ପାଦକ ନିର୍ମଳ କୁମାର ପଣ୍ଡା,ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ପତ୍ରୀ,ସଂଯୋଜକ ବୁଦ୍ଧିରାମ ପାଣିଗ୍ରାହୀ,ମେଳା କମିଟିର ସଭାପତି ପୀତାମ୍ବର ପଟ୍ଟନାୟକ,ସମ୍ପାଦକ ଭରତ ଚନ୍ଦ୍ର ରାଉତ,ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାରଣ ଗୋଷ୍ଠୀ ଓ ମେଳା କମିଟିର କର୍ମକର୍ତ୍ତାମାନେ।

## ସ୍ତ୍ରୀ ହତ୍ୟାକାରୀ ଗିରଫ

**ବୈଶିଙ୍ଗା, ୨୭।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ପଞ୍ଚାୟତର ମାଳିହାତୀ ଗ୍ରାମର ଏକ ଅଭାବନୀୟ ଘଟଣାକ୍ରମରେ ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏନେଇ ବୈଶିଙ୍ଗା ପୋଲିସ ଏକ ହତ୍ୟା ମାମଲା (ନଂ. ୭୫/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରିଛି।

ଘଟଣାରୁ ପ୍ରକାଶ, ବୈଶିଙ୍ଗା ଥାନା ଅନ୍ତର୍ଗତ ମାଳିହାତୀ ଗ୍ରାମର ଦଶରଥ ମୁର୍ମୁ ଝାଟିଅଡ଼ା ଗ୍ରାମର ସିନଗ କିସ୍କୁଙ୍କୁ ୬ବର୍ଷ ତଳେ ବିବାହ କରିଥିଲେ। ଶନିବାର ଅପରାହ୍ନରେ ଦଶରଥ ନିଶାସକ୍ତ ଅବସ୍ଥାରେ ଘରକୁ ଆସିବା ପରେ ସ୍ତ୍ରୀ ସିନଗ ମଦ ପିଇବାକୁ ବିରୋଧ କରିବାରୁ ରାଗିଯାଇ ଠେଙ୍ଗାରେ ପିଟି ଦେଇଥିଲେ ବୋଲି ଦଶରଥଙ୍କ ବାପା ରଘୁନାଥ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ମାଡ ମାରିବା ଯୋଗୁ ସିନଗଙ୍କ କାନରୁ ରକ୍ତ ବାହାରିବା ସହିତ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହା ଦେଖି ବିଚଳିତ ହୋଇ ଦଶରଥ ସ୍ତ୍ରୀଙ୍କ ବେକରେ ରଶି ଲଗାଇ ଘରର ବାଉଁଶ ଉରାରେ ଟାଙ୍ଗି ଦେଇ ବାହାରକୁ ପଳାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ଫେରି ସ୍ତ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ସମସ୍ତଙ୍କୁ କହିଥିଲେ। ପଡ଼ିଶା ଲୋକ ଆସିବା ପୂର୍ବରୁ ନିଜେ ଦଉଡିକୁ କାଟି ଦେଇ ସିନଗଙ୍କୁ ମାଣତ୍ରୀ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏଥି ସହିତ ପୋଲିସକୁ ମଧ ଖବର ଦିଆଯାଇଥିଲା। ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଅଭିଯୁକ୍ତ ଦଶରଥଙ୍କୁ ମାଣତ୍ରୀ ଡାକ୍ତରଖାନାରୁ ଗିରଫ କରିଥିଲେ। ରବିବାର ସକାଳେ ତଦନ୍ତକାରୀ ଅଫିସର ଏସ୍ଆଇ ଲକ୍ଷ୍ମଣ ମୁର୍ମୁ ଓ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏଥି ସହିତ ସାଇଣ୍ଟିଫିକ ଟିମ୍ ମଧ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ସୋମବାର ଦଶରଥଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୫ ବଖରା ଜଳିଗଲା

**ଧାମନଗର, ୨୭।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଖାରିଜକୋରୁଆ ଗ୍ରାମର ସୂର୍ଯ୍ୟମଣି ମିଶ୍ରଙ୍କ ଘରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ବଖରା ଘର ଜଳିଯାଇଛି। ଗ୍ରାମବାସୀ ଓ ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବାଡ଼ିରେ ପଡ଼ିଥିବା ଅଳିଆ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ସଡ଼କ ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

**ପାଟଣା,୨୭।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି କେନ୍ଦୁଝର ରାସ୍ତାର ଶ୍ୟାମସୁନ୍ଦରପୁର ବାଙ୍କ ନିକଟରେ ଶନିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ହେଲେ ପାଟଣା ଥାନା ସାହାରପଡା ପଞ୍ଚାୟତ ତଣ୍ଡ ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ଏକ ମାତ୍ର ପୁଅ ଦିଗବିଜୟ ମହାନ୍ତ (୩୦)।

ସୂଚନା ଅନୁଯାୟୀ, ସେ ରାଉରକେଲାର ଏକ ଷ୍ଟିଲ ପ୍ଲାଣ୍ଟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି କି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ରବିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଦିଗ୍‌ବିଜୟଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଏ ନେଇ ଢୁରୁମୁଙ୍ଗା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୪୦/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି। ପାଟଣା ଓ କେନ୍ଦୁଝରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ଗୁଡ଼ିକରେ ଅଧିକ ବାଙ୍କ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଜୀବନହାନୀ ଘଟୁଛି। ପୂର୍ତ୍ତ ବିଭାଗର ଏହି ତ୍ରୁଟିପୂର୍ଣ୍ଣ ରାସ୍ତାକୁ ପୁନଃ ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି।

## ବିଷ୍ଣୁପୁର ପଞ୍ଚାୟତ ପରିଦର୍ଶନ କଲେ ବିଧାୟକ

**ଭଣ୍ଡାରିପୋଖରୀ, ୨୭।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ରବିବାର ବିଷ୍ଣୁପୁର ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଉକ୍ତ ପଞ୍ଚାୟତରେ ୨୦ବର୍ଷ ପରେ ବିଜେଡି ସମର୍ଥନରେ ସରପଞ୍ଚ ଭାବେ ଅମୂଲ୍ୟ ନାୟକ ବିଜୟୀ ହୋଇଥିବାରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସଦା ତତ୍ପର ରହିବାକୁ ବିଧାୟକ ସାମଲ ତାଙ୍କୁ ପରାମର୍ଶ ଦେଇଥିଲେ। ସମିତିସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ୱାର୍ଡସଭ୍ୟ ତ୍ରିଲୋଚନ ନାୟକ, ସୀମା ସିଂ, ବିଜେଡି ନେତା ବିଜୟ ଖିଲାର, ସୁଧାକର ମହାପାତ୍ର, ବଦ୍ରିନାରାୟଣ ପଣ୍ଡା, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ନାଟ୍ୟ ଦିବସ

**କୁଆମରା, ୨୭।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ତଳକଉଦା ସ୍ଥିତ ମୟୂର ଆର୍ଟିଷ୍ଟ ଆସୋସିଏଶନ ସାର୍ବଜନୀନ କଳା ଶିକ୍ଷା ଅଭିଯାନ ପ୍ଲାଟଫର୍ମ 'ଆମେ କଳାକାର ଆମ' ପକ୍ଷରୁ ନାଟ୍ୟକାର ମନୋରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ରବିବାର ରାଷ୍ଟ୍ରୀୟ ମା' ସଂଘ ଗୃହ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କୃଷ୍ଣ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ନୃତ୍ୟ ଗୁରୁ ଅରୁପାନନ୍ଦ ମହଲା ଯୋଗ ଦେଇଥିଲେ। ନାଟ୍ୟକାର ମନୋରଞ୍ଜନ ଦାଶ ଅଧ୍ୟକ୍ଷତା ଓ ଦିଲୀପ ମହାପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ସୁକୁମାର ଗନ୍ତାୟତ, ଜ୍ୟୋତି ରଞ୍ଜନ କଟୁଆଳ, ପ୍ରିୟଦର୍ଶିନୀ ଗନ୍ତାୟତ, ଭାଗୀରଥି ବାରିକ, ସୁକାନ୍ତ ରଣା, ଅରୁଣ ବାରିକ ପ୍ରମୁଖ କଳାକାର ଯୋଗ ଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ କଳାକାର।

## ଟାଏକୋଣ୍ଡୋ କଲରବେଲ୍ଟ, ବ୍ଲାକ୍‌ବେଲ୍ଟ ଟେଷ୍ଟ

**ଭଦ୍ରକ ଅଫିସ,୨୭।୩**

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକ(ଟାବ୍) ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ କଲରବେଲ୍ଟ ଓ ବ୍ଲାକ୍‌ବେଲ୍ଟ ଟେଷ୍ଟ କାର୍‌ମେଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୧୦ ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ବେଳେ ୭୧ଜଣ କୃତିତ୍ୱ ହାସଲ କରିଛନ୍ତି। ଆସୋସିଏଶନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପରୀକ୍ଷା ପରିଚାଳନା କରିଥିଲେ। କଟକ ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ସୁଧାକର ଜେନା, ଢେଙ୍କାନାଳର ସମ୍ପାଦକ ସୌମ୍ୟକାନ୍ତ ବେଉରା, ପ୍ରଶିକ୍ଷକ ରାଜେନ୍ଦ୍ର ବେହେରା, ବିଶ୍ୱନାଥ ବରାଳ, ବାଲେଶ୍ୱରର ଟାଏକୋଣ୍ଡୋ ପ୍ରଶିକ୍ଷକ ଆଦ୍ୟାଶା ଦାସ ଓ ପଦ୍ମଲୋଚନ ସିଂ ପ୍ରମୁଖ ସହଯୋଗ କରିଥିଲେ।

ମଧ୍ୟାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ ଯୋଗଦେଇଥିଲେ। ଓଡ଼ିଶା ବାର୍ କାଉନ୍‌ସିଲ ସଦସ୍ୟ ପବନ ଶର୍ମା, ବେଦାନ୍ତ ଫେକରର ଚିଫ୍ ଫାଇନାନ୍ସ ଅଫିସର ଆନନ୍ଦ ଦୁବେ, କାରମେଲ ସ୍କୁଲ ଅଧକ୍ଷା ସିଷ୍ଟର ବିନିତା, ଜ୍ୟୋତି କନ୍‌ଭେଣ୍ଟ ଅଧକ୍ଷ ଫାଦର ଆଲେକ୍ସ, ତାଓ ଯୁଗ୍ମ ସମ୍ପାଦକ ପ୍ରଫେସର ଯୋଗେଶ୍ୱର ମହନ୍ତ, କୋଷାଧକ୍ଷା ସଂଘମିତ୍ରା ଦାସ, ସଦସ୍ୟ ବିଦ୍ୟାଧର ବାରିକ, ମାରୱାଡି ଯୁବା ମଞ୍ଚ ସଦସ୍ୟ ବିଶାଲ ଗୋପାଲ ଲଖାନୀ, ଇଂ. ଅନୁପମ ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଟାବ୍‌ର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଟାଏକୋଣ୍ଡୋ ପ୍ରଶିକ୍ଷକ ଧନେଶ୍ୱର ଜେନା, ତାରିଣୀ ସାହୁ ଓ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ଜିଲାର ସମ୍ପାଦକମାନେ ଯୋଗଦେଇଥିଲେ। ଆସନ୍ତା ଡିସେମ୍ବରରେ ଭଦ୍ରକରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜନ ଏବଂ ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆର ସେକ୍ରେଟାରି ଜେନେରାଲ ଜିମ୍ମୀ ଜାଗତିଆନୀଙ୍କୁ ଏଥିରେ ଅତିଥି ଭାବେ ନିମନ୍ତ୍ରଣ ଲାଗି ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

## ପ୍ରେସ୍ କ୍ଲବର ବୈଠକ

**କୁଆମରା, ୨୭।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ ଏକ ବୈଠକ ରବିବାର କୁଆମରା ସରସ୍ୱତୀ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିମାଇଁ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ୨୦୨୨ ବାର୍ଷିକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୧ ଓଡ଼ିଶା ଦିବସ ଅବସରରେ ବ୍ଲକର ନବନିର୍ବାଚିତ ଲୋକପ୍ରତିନିଧିଙ୍କ ସମେତ ଜିଲାର ଦୁଇ ବରିଷ୍ଠ ଓ ଜଣେ ନୂତନ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସମ୍ପାଦକ ଡକ୍ଟର କୁମାର ବାବୁଲି, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଡୁଆଳ, ମାଣିକ ହେମ୍ବ୍ରମ, ଦୀପକ ଚୌଧୁରୀ, ଯୋଗେଶ୍ୱର ସାହୁ, ସମ୍ବିତ୍ କୁମାର ରାଉତ, ରଞ୍ଜନ କୁମାର ମଡୁଆଳ, ଜୟନ୍ତ କୁମାର ସ, ତପନ ପାତ୍ର, ହିରେନ ରାୟ, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

**ଗୋଚର ଜମିରେ ବେଆଇନ ଗୃହ ନିର୍ମାଣ**

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଯଶିପୁର ଗ୍ରାମର ପ୍ରାଣୀ ଡାକ୍ତରଖାନା ନିକଟ ଗୋଚର ଜମିରେ ଜଣେ ବ୍ୟକ୍ତି ବେଆଇନ ଭାବେ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଚାଷଜମିକୁ ମୁଖ୍ୟରାସ୍ତା ଅବରୋଧ ହେଉଥିବାରୁ ଗ୍ରାମବାସୀ ରବିବାର ସ୍ଥାନୀୟ ତହସିଲଦାର ଓ ଭଦ୍ରକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ଗୃହ ନିର୍ମାଣ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



## ସଂକ୍ଷେପରେ

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ସୋର,୨୭।୩(ଡି.ଏନ.ଏ): ସୋର ବ୍ଲକ ଅଧୀନ ତଳନଗର ଜୁନିଅର କଲେଜରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଅଶୋକ କୁମାର ରାଉତ ଏହାକୁ ଉଦ୍‌ଘାଟନ କରି ପ୍ରଶିକ୍ଷଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ପ୍ରତି ଗ୍ରୁପ୍‌ରେ ସର୍ବାଧିକ ୩୦ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଯିବାର ବ୍ୟବସ୍ଥା ଥିବା ବେଳେ ସମୁଦାୟ ୧୪୮ ଜଣ ଛାତ୍ରୀ ପ୍ରଶିକ୍ଷଣ ପାଇଁ ନାମ ପଞ୍ଜିକୃତ କରିଛନ୍ତି। ମାଷ୍ଟର ଟ୍ରେନର ସ୍ୱର୍ଣ୍ଣମୟୀ ପଟ୍ଟନାୟକ ପ୍ରଶିକ୍ଷଣ ଦେଇଥିଲେ। ଅଧାପିକା ମେନକା ମହାପାତ୍ର ଶିବିର ପରିଚାଳନା କରିଥିବା ବେଳେ ଅଧାପକ ସୁଧାକର ମହାନ୍ତି, ପ୍ରଶାନ୍ତ ମହାରଣା, ମାନସ ରଞ୍ଜନ ଦାସ, ସନ୍ତୋଷ କୁମାର ପୋଥାଲଙ୍କ ସହ କଲେଜର ସମସ୍ତ କର୍ମଚାରୀ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଗୋ-ଚାଲାଣ ବେଳେ ୨୧ଗୋରୁ ଉଦ୍ଧାର

ପାଟଣା,୨୭।୩(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହାତିବରୀ ନିକଟରୁ ରବିବାର ସକାଳୁ ତୁରୁମୁଙ୍ଗା ପୋଲିସ ଏକ ଗୋରୁ ବୋଝେଇ ୧୪ ଚକିଆ ଟ୍ରକ୍‌କୁ ଜବତ କରିଛି। ଦୟନୀୟ ଅବସ୍ଥାରେ ଗାଡି ଭିତରେ ୨୧ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଗୋରୁଙ୍କୁ ବରଗଡ଼ ଅଞ୍ଚଳରୁ ଖରିଦ କରି କୋଲକାତା ଅଭିମୁଖେ ଚାଲାଣ କରାଯାଉଥିବା ପୋଲିସ ଅନୁମାନ କରୁଛି। ଟ୍ରକ୍‌କୁ ପୋଲିସ ଜବତ କରି ଏକ ମାମଲା (ନଂ.୪୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଉତ୍କଳ ସମ୍ମିଳନୀ ପ୍ରସ୍ତୁତି

ଖଇରା,୨୭।୩(ଡି.ଏନ.ଏ.)- ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉତ୍କଳ ସମ୍ମିଳନୀ ଉତ୍ସବ ପାଳିତ ହେବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଶନିବାର ଗଣ୍ଡିବେଡଠାରେ ମଦନ ମୋହନ ମହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଅବସରରେ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ଡ..ଶଶିଭୂଷଣ ରାଉତ, ଗଙ୍ଗାଧର ରାଉତ, ସୁଧାଂଶୁ ଦାସ, ସୀତା ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ଅଭିମନ୍ୟୁ ରାଉଳ, ପଦ୍ମଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବନାଯୋଡ଼ି ଟୋଲ୍‌ଗେଟ ଉଚ୍ଛେଦ ଦାବି

କେନ୍ଦୁଝର, ୨୭।୩(ସ୍ୱ.ପ୍ର./ଡି.ଏନ.ଏ.) କେନ୍ଦୁଝର ଜିଲାରେ ପୂର୍ବରୁ ଥିବା ୨୧୫ ନମ୍ବର ପାଣିକୋଇଲି ଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଏନ୍‌ଏଚ୍ ତଥା କେନ୍ଦୁଝରବାସୀଙ୍କ ଜୀବନ ରେଖାକୁ ପରବର୍ତ୍ତୀ ସମୟରେ ଅଧିକ ଟୋଲ ଆଦାୟ ଆଶାରେ ପାଣିକୋଇଲି ଠାରୁ ରିମୁଳି ୨୦ ନଂ ଜାତୀୟ ରାଜପଥ ଓ ରିମୁଳି ଠାରୁ ରାଜାମୁଣ୍ଡା ୫୨୦ନଂ ଏନ୍‌ଏଚ୍‌ରେ ନାମିତ କରାଯାଇ ଗୋଟିଏ ରାଜପଥକୁ ଦୁଇଭାଗ କରାଗଲା। ପାଣିକୋଇଲି ଠାରୁ ରିମୁଳି ୧୬୬କି.ମି. ମଧ୍ୟରେ ପାଣିକୋଇଲି ଠାରୁ ମାତ୍ର ୩୩କି.ମି.ଦୂରହାସନପୁର ଠାରେ ପ୍ରଥମ ଟୋଲ ଗେଟ, ହାସନପୁର ଠାରୁ ଖଣ୍ଟଘର (ଢେଙ୍କିକଟେ ) ଜାତୀୟ ରାଜପଥ କି.ମି. ନମ୍ବର ୯୧.୯୦୦ ଠାରେ ମାତ୍ର ୫୮.୯କି.ମି.ଦୂରରେ ଦିତୀୟ ଟୋଲଗେଟ ଓ ସେଠାରୁ ମାତ୍ର ୪୨କି.ମି.ଦୂର ଜାତୀୟ ରାଜପଥ କି.ମି.ନମ୍ବର ୧୩୪.୩୪୦ ବନାଯୋଡିଠାରେ ଟୋଲ ଗେଟ ସ୍ଥାପନ କରାଯାଇ ଟୋଲ ଆଦାୟ ଜାରିରହିଛି। ନିକଟରେ ସଂସଦରେ କେନ୍ଦ୍ର ସଡ଼କ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୬୦କି.ମି. ଦୂର ବ୍ୟବଧାନରେ ଗୋଟିଏ ଲେଖାଏଁ ଟୋଲ ଗେଟ ରହିବାର ସୂଚନା ପରେ ଜିଲାବାସୀଙ୍କ ମନରେ ଟୋଲଗେଟ ଉଠିଯିବାର ଆଶା ସଞ୍ଚାର ହୋଇଥିଲା ମାତ୍ର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ବନାଯୋଡ଼ି ଟୋଲ ଗେଟ ଅଧିକ ରାଜସ୍ୱ ଦେଉଥିବାରୁ ଏହି ଟୋଲ ଗେଟ ଉଠାଯିବ ନାହିଁ। ଯାହାକୁ ନେଇ ଯୁବ ଓ ଶ୍ରମ ବିକାଶ ମଞ୍ଚର ସଭ୍ୟ ଶୈଳବାଳା ପଲେଇ ଦୁଃଖ ପ୍ରକାଶ କରିବା ସହିତ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ଜାତୀୟ ରାଜପଥ ପ୍ରାଧିକାରଣ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟ ପରିସରରୁ ବେଆଇନ ଗଛକଟା

ଜଳେଶ୍ୱର,୨୭।୩(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଭିଭାବକ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନାମ୍ପୋ ସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରୁ ବେଆଇନ୍ ଭାବେ ଗଛକଟା, ଭଙ୍ଗା ଇଟା ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ରବିବାର କେତେଜଣ ଅଭିଭାବକ ଏକ ଖବରଦାତା ସମ୍ମିଳନୀ ଡାକି ଏନେଇ ଅଭିଯୋଗ କରିଛନ୍ତି। ଏବେ ବିଦ୍ୟାଳୟରେ ୫-ଟି ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସ୍କୁଲ ପରିସରରୁ ଗଛକଟା ସମ୍ପର୍କରେ ପୂର୍ବତନ ଛାତ୍ରସଂଘ ବିଭିନ୍ନ ଅଭିଯୋଗ ଆଣିଛନ୍ତି। ଗୋପାଳ କୃଷ୍ଣ ଜେନା, ବିଦୁଭୂଷଣ ଦାସ, ଅକ୍ଷୟ କୁମାର ଜେନା, ସେକ୍ ଅବଦୁଲ ସାଦିକ, ଜୟଶ୍ରୀ ଜେନା, ନିର୍ମଳ ଲୋଚନ ଭୂୟାଁ, ପ୍ରଫୁଲ୍ଲ କୁମାର ଦାସ, ପ୍ରଶାନ୍ତ କୁମାର ହେମ୍ବ୍ରମ, କନ୍ଦା ମାରାଣ୍ଡି, କାଜଲ ହେମ୍ବ୍ରମ, କାହ୍ନୁଚରଣ ଦାସ, ସୁଶାନ୍ତ ଦାସ ଅଧିକାରୀ, ତାରାକାନ୍ତ ଦାସ, ଆନୁଆର୍

**ଅଭିଯୋଗ କଲେ ଅଭିଭାବକ**

ସାହା ପ୍ରମୁଖ ଭଙ୍ଗା ଯାଇଥିବା ବିଦ୍ୟାଳୟ କୋଠରୀର ଘର ତିଆରି ସାମଗ୍ରୀ ବିକ୍ରି ଓ ବିଭିନ୍ନ ଗଛ କଟାଯାଇଥିବା ବେଆଇନ୍ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେମାନେ ଜଙ୍ଗଲ ବିଭାଗ, ଶିକ୍ଷା ବିଭାଗ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆସନ୍ତା ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପୌରାଧକ୍ଷା ନିକୁଙ୍କ ବିଜୟ ଶୋଭାଯାତ୍ରା

କେନ୍ଦୁଝର ୨୭।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୪ଟି ପୌରପରିଷଦ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ନିର୍ବାଚନରେ ଯୋଡ଼ା, ବଡ଼ବିଲ, ଆନନ୍ଦପୁର ପୌରପରିଷଦ ଓ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳକୁ ବିଜେଡି ଦଖଲ କରିଥିବା ବେଳେ ଜିଲା ମୁଖ୍ୟାଳୟ କେନ୍ଦୁଝରଗଡ ପୌରପରିଷଦରେ ଭାଜପା ବିଜୟର ବାନା ଉଡାଇଛି। ପ୍ରଥମ ଥର ପାଇଁ ରାଜନୀତିରେ ପାଦ ଦେଇଥିବା ଭାଜପାର କେନ୍ଦୁଝରଗଡ ପୌରପରିଷଦର ପୌରାଧକ୍ଷା ନିକୁ ସାହୁ ଏହି ଜିତ ପରେ ଉତ୍ସାହିତ ହୋଇ ପଡିଛନ୍ତି। ରବିବାର ପୁରୁଣା ସହର ବଳଦେବଜୀଉ ମନ୍ଦିରରୁ ଆଶୀର୍ବାଦ ନେଇ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ସହରବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ସହିତ ବିଧାୟକ ମୋହନ ମାଝୀ ଏବଂ ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ସାମିଲ ହୋଇଥିଲେ। ଏହି ଜିତ ଭାଜପା ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏହି ଜିତ ପଛରେ ତାଙ୍କର ଓ ତାଙ୍କ ପରିବାରର ଆପ୍ରାଣ ଉଦ୍ୟମ ଅଧିକ ରହିଛି ବୋଲି ଆଲୋଚନା ହେଉଛି। ନିକୁଙ୍କୁ ଜିତାଇବା ପାଇଁ ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଏବଂ ବିଧାୟକ ମୋହନ ମାଝୀଙ୍କ ସମେତ ଦଳୀୟ ନେତା ଓ କର୍ମୀ ମାନଙ୍କ ପ୍ରଚେଷ୍ଟା ରହିଛି। ଅନ୍ୟପକ୍ଷରେ ଏଠାରେ ବିଜେଡି ହାର ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଓ ଦଳ ବିରୋଧୀ କାର୍ଯ୍ୟ ବୋଲି କୁହାଯାଉଛି। ଶାସନରେ ଥାଇ ବିଜେଡିର ହାର କୁ ଦଳ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଏନେଇ ଦଳ କଣ ପଦକ୍ଷେପ ନେଉଛି ସେ ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ କେନ୍ଦୁଝରଗଡ ପୌରପାଳିକାରେ ୨୧ କାଉନ୍‌ସିଲ ମଧ୍ୟରୁ ୧୩ଟିରେ ବିଜେଡି ଜିତି କାଉନସିଲରେ ନିଜର ପ୍ରଭାବ ବିସ୍ତାର କରିବାକୁ ଜୋର ଲଗାଇବ।



ଶୋଭାଯାତ୍ରାରେ ପୌରାଧକ୍ଷା ନିକୁ ସାହୁ, ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଏବଂ ବିଧାୟକ ମୋହନ ମାଝୀ

# 'ବସନ୍ତଙ୍କ କବିତାରେ ଥିଲା ଭିନ୍ନ ଦିଗନ୍ତ'

ଭଣ୍ଡାରିପୋଖରୀ, ୨୭।୩ (ଡି.ଏନ.ଏ.)

**କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁରଠାରେ ରବିବାର ୩୩ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ଦାଶ ବେନହୁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ନାଟ୍ୟକାର ସୁଧାକର ନନ୍ଦ, କଥାକାର ବିଜୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଓଡ଼ିଆ କବିତାର ଜୟଯାତ୍ରା ସମ୍ପର୍କରେ ସେମାନେ ବକ୍ତବ୍ୟ ରଖିଥିଲେ। ବସନ୍ତଙ୍କ କବିତା ଶୈଳୀ ଆଧୁନିକ କବିତାରେ ଏକ ଭିନ୍ନ ଦିଗନ୍ତ ଥିଲା ବୋଲି ଅନ୍ୟତମ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ମଲ୍ଲିକ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ୨୦୧୭ ପାଇଁ ଅଧାପକ କିଶୋର ପାଣିଗ୍ରାହୀ, ୨୦୧୮ ପାଇଁ ଡ. ଶୁଭଶ୍ରୀ ଲେଙ୍କା, ୨୦୧୯ ଲାଗି ପ୍ରୀତିଧାରା ସାମଲ, ୨୦୨୦ ପାଇଁ ଇପ୍‌ସିତା ଷଡ଼ଙ୍ଗୀ ଓ ୨୦୨୧ ପାଇଁ ବାଦଲ ମହାନ୍ତିଙ୍କୁ ବସନ୍ତ ମୁଦୁଲି ସ୍ମୃତି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଉପସ୍ଥିତିରେ ପ୍ରାକ୍ତନ ଏମ୍‌ପି ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ଅନୁଦାନ ପାଣ୍ଠିରେ ନିର୍ମିତ ପାଠାଗାରକୁ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ପରିଡ଼ା ଲୋକାର୍ପଣ କରିଥିଲେ। କବି ନିରାକାର ଦାସ ଅତିଥି ପରିଚୟ, ଅଭିଜିତ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ନାଗରିକ ଅରୁଣ କୁମାର ଖିଲାର, ସାମାଜିକ କର୍ମୀ ପାର୍ଥସାରଥୀ ମୁଦୁଲି, ଅମୂଲ୍ୟ ନାୟକ, ବିଜୟ ଖିଲାର, ଅମିତାଭ ଖିଲାର, ବିକାଶ କୁମାର ସାହୁ, ସୁଧାକର ମହାପାତ୍ର, ରବିନାରାୟଣ ପଣ୍ଡା, ଶାନ୍ତନୁ ମହାପାତ୍ର, ଅଭିଷେକ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମାରୋହରେ ଅତିଥିମାନେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଓକିଲ ସଂଘ ନିର୍ବାଚନକୁ ବିରୋଧ

ଜଳେଶ୍ୱର,୨୭।୩(ଡି.ଏନ.ଏ.)

ସଦ୍ୟ ଶେଷ ହୋଇଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଓକିଲ ସଂଘର ନିର୍ବାଚନରେ କେତେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିବା ସଭାପତି ପ୍ରାର୍ଥୀ ପତିତପାବନ ପ୍ରଧାନ ଅଭିଯୋଗ କରିଛନ୍ତି। ରବିବାର ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସେ ସୂଚନା ଦେଇଛନ୍ତି।

ଗତ ଶନିବାର ଦିନ ହୋଇଥିବା ନିର୍ବାଚନରେ କେତେକ ଓକିଲ ବନ୍ଧୁ ଭୋଟ ଦେବା କାର୍ଯ୍ୟରୁ ବିରତ ରହିଥିଲେ। ପ୍ରକାଶଯୋଗ୍ୟ ଗଣତନ୍ତ୍ର ରାଷ୍ଟ୍ରରେ ଭୋଟ ଦେବା ଅଧିକାର ଥିଲେ ମଧ ତାହା ଗୁପ୍ତ ରହିବାର ବିଧେୟ। କିନ୍ତୁ ଚଳିତ ଓକିଲ ସଂଘ ନିର୍ବାଚନରେ କେତେକ ନୂତନ ପଦ୍ଧତି ଓ ନିୟମ ଅବଲମ୍ବନ କରାଯାଇଛି। ବାଲଟ ପେପେରର ମୁଣ୍ଡିଚେକ୍ ଫଲିଓରେ ଥିବା କ୍ରମିକ ନମ୍ବର ସହିତ ବାଲଟ ପେପରର କ୍ରମିକ ନମ୍ବର ସମାନ ରହିଥିବାରୁ ଭୋଟ ପରେ ଭୋଟରଙ୍କ ଗୋପନୀୟତା ପ୍ରକାଶିତ ହେଉଥିବା ସମ୍ପର୍କରେ ପ୍ରଧାନ ଅଭିଯୋଗ ଆଣିଛନ୍ତି। ଏହି ଗୋପନୀୟତା ପ୍ରକାଶ ପାଇଯାଉଥିବାରୁ ୧୪୮ଜଣ ଭୋଟରଙ୍କ ମଧ୍ୟରୁ ୯ଜଣ ଭୋଟ ଦାନରୁ ବିରତ ରହିଥିଲେ। ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ସେ ଓ ଅନ୍ୟ କେତେକ ଓକିଲ ଅଭିଯୋଗ କରିଥିଲେ ମଧ ଏହାକୁ କେହି କର୍ଣ୍ଣପାତ କରି ନ ଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅନୁଷ୍ଠିତ ନିର୍ବାଚନକୁ ଅବୈଧ ଘୋଷଣା କରିବାକୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

# ବିଶ୍ୱ ନାଟ୍ୟ ଦିବସରେ 'ଭଲ ମଣିଷ' ମଞ୍ଚସ୍ଥ

ବାଲେଶ୍ୱର ଅଫିସ,୨୭।୩

ବାଲେଶ୍ୱର ସହର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ରବିବାର ଅଗ୍ରଣୀ ନାଟ୍ୟସଂସ୍ଥା 'ଶୋଭା' ନାଟ୍ୟାନୁଷ୍ଠାନ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ନାଟକ 'ଭଲ ମଣିଷ' ପରିବେଶିତ ହୋଇଥିଲା। କାର୍ଯ୍ୟକ୍ରମରେ 'ଶୋଭା'ର ସଭାପତି ସିଦ୍ଧାର୍ଥ ସାରଥି ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଦୀପ ଭୌମିକ ଓ ସମ୍ମାନୀତ ଅତିଥି ଭାବେ ସୁରଞ୍ଜନ ଦାସମହାପାତ୍ର ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଗୁରୁ ନନ୍ଦ କିଶୋର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ସହ ବିଶ୍ୱନାଟ୍ୟ ଦିବସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ନାଟକଟିକୁ ରଚନା କରିଥିଲାବେଳେ, ଏହାକୁ ନିର୍ଦ୍ଦେଶନା ଦେଇଥିଲେ ଅର୍ଣ୍ଣବ କୁମାର କର। ଏଥିରେ ଶୁଭଙ୍କର, ଆଶୀଷ, ଲକ୍ଷ୍ମୀକାନ୍ତ, ଚନ୍ଦ୍ରଶେଖର, ମଦନମୋହନ ପ୍ରମୁଖ ଅଭିନୟ କରିଥିଲାବେଳେ ରମାକାନ୍ତ ଦାସ ଗୀତ ରଚନା କରିଥିଲେ। ସେହିପରି ଗୁରୁ ନନ୍ଦ କିଶୋର ଦାସ ସଙ୍ଗୀତ ନିର୍ଦ୍ଦେଶନା ସହ ସଙ୍ଗୀତ ପରିଚାଳନା ମଧ କରିଥିଲେ। ଲକ୍ଷ୍ମୀ ଘୋଷ ମଞ୍ଚ ଆହ୍ୱାନ କରିଥିବା ବେଳେ ରାମଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅଜୟ କୁମାର ଆଚାର୍ଯ୍ୟ ଆଲୋକ ପରିଚାଳନା କରିଥିଲେ।



ଅତିଥିମାନେ ନାଟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# 'ମେଡିକାଲ କଲେଜ ପ୍ରତିଷ୍ଠା, ଦୁର୍ନୀତିମୁକ୍ତ ଭଦ୍ରକ ମହାବିଦ୍ୟାଳୟ ଗଠନ ମୂଳଲକ୍ଷ୍ୟ'

ଭଦ୍ରକ ଅଫିସ,୨୭।୩

**ବିକାଶକୁ ନୂତନ ପୌରାଧକ୍ଷାଙ୍କ ଗୁରୁତ୍ୱ**

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଦୁର୍ନୀତିମୁକ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଠନ ତାଙ୍କର ମୂଳ ଲକ୍ଷ୍ୟ। ଏ ଦିଗରେ ସେ ପ୍ରାଥମିକତା ଦେବେ ବୋଲି ଭଦ୍ରକ ପୌରପାଳିକାର ନବନିର୍ବାଚିତ ପୌରାଧକ୍ଷା ଗୁଲମକ୍କୀ ଦଲାୱାଜି କହିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା ପାଇଁ ସେ ଆନ୍ଦୋଳନ ଆରମ୍ଭ କରିବେ। ଏପରିକି ପୁରୁଣାବଜାର ଅଞ୍ଚଳର ବିକାଶ କ୍ଷେତ୍ରରେ ସେ ଅଧିକ ଗୁରୁତ୍ୱ ଦେବେ। ସହରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ନିଶ୍ଚୟ ପୂରଣ କରିବେ ବୋଲି ପ୍ରକାଶ କରିଛନ୍ତି। ୩୦ଟି ୱାର୍ଡର ବିକାଶ ହିଁ ମୂଳ ଲକ୍ଷ୍ୟ। ସେହିପରି ସହରରେ ଭାଇଚାରା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

ଭଦ୍ରକ ପୌରପାଳିକାର ଅଧକ୍ଷ ପଦ ପାଇଁ ଗୁଲମକ୍କୀ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଶାସକ ବିଜେଡିକୁ ଟକ୍କର ଦେଇ ବାଜିମାତ୍ ମାରିଛନ୍ତି। ସେ ମୋଟ ୨୮,୧୧୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସମିତା ମିଶ୍ରଙ୍କଠାରୁ ୩,୨୫୬ ଭୋଟ୍‌ରେ ଆଗୁଆ ରହିଥିଲେ।

# ବିଜେଡି ହାତରୁ ଖସିଲା ୩ ୱାର୍ଡ

ବାସୁଦେବପୁର, ୨୭।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜନୈତିକ ଚଳଚଞ୍ଚଳତା ଦେଖାଦେଇଛି। ୱାର୍ଡ ନଂ. ୨୨, ୧୭ ଓ ୧୮ ଦୀର୍ଘବର୍ଷ ଧରି ବିଜେଡି ଦଖଲରେ ରହି ଆସୁଥିବା ବେଳେ ଚଳିତ ନିର୍ବାଚନରେ ଏହି ୩ ୱାର୍ଡ ହାତରୁ ଖସିଯାଇଛି। ଦୀର୍ଘବର୍ଷ ପରେ ବିଜେଡିର ଗଡ଼ କୁହାଯାଉଥିବା ଏହି ୩ ୱାର୍ଡ଼କୁ କଂଗ୍ରେସ ଅକ୍ତିଆର କରିଛି। ୨୮ ବର୍ଷ ବ୍ୟବଧାନ ପରେ ୨୨ ନଂ. ୱାର୍ଡରୁ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥିନୀ କବିତା ମହାନ୍ତି ବିଜୟୀ ହୋଇଥିବା ବେଳେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟବଧାନ ପରେ ୧୭ ନଂ. ୱାର୍ଡରୁ ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ଓ ୧୮ ନଂ. ୱାର୍ଡରୁ ଯୁବନେତା କାର୍ତ୍ତିକ ଖିଲାର ନିର୍ବାଚିତ ହୋଇଛନ୍ତି। ଏହି ୱାର୍ଡଗୁଡ଼ିକରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିବାରୁ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ବଡ଼ବିଲ, ୨୭।୩(ସ୍ୱ.ପ୍ର.)

**ବଡ଼ବିଲ ପୌର ବ୍ୟାଙ୍କ ଖାତାରୁ ୨.୪୫ କୋଟି ଟଙ୍କା ହଡ଼ପ ଘଟଣା**

**ଫ୍ରିଜ ହୋଇ ରହିଛି ୧କୋଟି ୧୫ ଲକ୍ଷ ଟଙ୍କା**

କେନ୍ଦୁଝର ଜିଲା ବଡବିଲ ପୌରକାର୍ଯ୍ୟାଳୟର ବ୍ୟାଙ୍କ ଖାତାରୁ ୨.୪୫ କୋଟି ଟଙ୍କା ଗାଏବ ଘଟଣାରେ ଇଓଡବ୍ଲ୍ୟୁ (ଇକୋନୋମିକ ଅଫେନ୍ସ ୱିଙ୍ଗ) ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବଡବିଲ ଜେଏମଏଫସି କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଛତିଶଗଡ ରାଜ୍ୟ ରାୟପୁର ଜିଲା ମୁଜଗାହାନ ଥାନା ଅନ୍ତର୍ଗତ ପ୍ରଗତି କଲେଜ ନିକଟ ଛତିଶଗଡ ହାଉସିଂ ବୋର୍ଡ କଲୋନିର ଏଲଆଇଜି-୧୬୯ରେ ସୈଦ ଶାହବାଜ ନାକ୍‌ଭି । ପରେ ତାଙ୍କୁ ବଡ଼ବିଲ୍ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବଡବିଲ ପୌରକାର୍ଯ୍ୟାଳୟର ବ୍ୟାଙ୍କ ଖାତାରୁ ୪ଟି ନକଲି ଚେକ୍ ବ୍ୟବହାର କରି ୨.୪୫ କୋଟି ଟଙ୍କା ହେବା ଘଟଣାର ତଦନ୍ତକୁ ଜୋରଦାର କରିଛି ଭୁବନେଶ୍ୱରସ୍ଥିତ ରାଜ୍ୟ ପୋଲିସ ବିଭାଗର ଇଓଡବ୍ଲ୍ୟୁ ପୋଲିସ। ଏହି କାରବାରରେ ସମ୍ପୃକ୍ତ ସୁଭାଷ ଘିସିଙ୍ଗ ଗିରି ନାମକ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଶନିବାର ବଡ଼ବିଲ ଜେଏମଏଫସି କୋର୍ଟରେ ହାଜର କରାଇଥିଲାବେଳେ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ଏହି ଘଟଣାରେ ବ୍ୟାଙ୍କ କର୍ମଚାରୀ ଓ ପୌର କର୍ମଚାରୀଙ୍କ ସଂପୃକ୍ତି ନେଇ ଇଓଡବ୍ଲ୍ୟୁ ସନ୍ଦେହଘେରକୁ ନେଇ ତଦନ୍ତ ଜାରୀ ରଖିଛି। ତେବେ ପୌର ବ୍ୟାଙ୍କ ଆକାଉଣ୍ଟରୁ ୪ଟି ବିଭିନ୍ନ ଆକାଉଣ୍ଟକୁ ଯାଇଥିବା ମୋଟ ୨.୪୫ କୋଟି ଟଙ୍କାରୁ ପ୍ରାୟ ୧କୋଟି ୧୫ ଲକ୍ଷ ଟଙ୍କାକୁ ଫ୍ରିଜ୍ କରି ରଖାଯାଇଥିବା ସୂଚନା ମିଳିଛି। ହେଲେ ଏ ଯାଏଁ ପୌର ବ୍ୟାଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ଫେରିପାରି ନ ଥିବା ବଡବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି।

# ଜୟରାମ ସିକ୍ସର ବିଜୟୀ

## ଘୋଡ଼ାପଦା ପ୍ରିମିୟର ଲିଗ୍ ସିଜନ୍-୩



ଅତିଥିମାନେ ପ୍ରିମିୟର ଲିଗ୍ ସିଜନ୍-୩ର ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଅଫିସ,୨୭।୩

ବାଲେଶ୍ୱର ସଦର ବ୍ଲକ ଅଧୀନ ଘୋଡ଼ାପଦା ବିଜେସିସି କ୍ଲବ ଆନୁକୂଲ୍ୟରେ ଘୋଡ଼ାପଦା ପ୍ରିମିୟର ଲିଗ୍ ସିଜନ୍-୩ ଅନୁଷ୍ଠିତ ହୋଇଯାଇଛି। ଏହି ଲିଗ୍‌ରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି।

ମୁଖ୍ୟଅତିଥି ଭାବେ ବଇଞ୍ଚା ସରପଞ୍ଚ ରବିନାରାୟଣ ପ୍ରଧାନ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ରବିବାର ପ୍ରଥମ ମ୍ୟାଚ୍‌ରେ ଜୟରାମ ସିକ୍ସର ଦଳ ୪୪ ରନ୍‌ରେ ମା' ତାରିଣୀ ଫାଇଟରକୁ ପରାସ୍ତ କରିଥିଲ। ଉକ୍ତ ପ୍ରିମିୟର ଲିଗ୍‌କୁ ପିଣ୍ଟୁ, ସୁବ୍ରତ, ଲକି, ଚନ୍ଦନ, ରମେଶ, ପପୁ, ବାବୁ, ବାପୁନ ପ୍ରମୁଖ ପରିଚାଳନା କରିଥିଲେ।

# ହାର୍ ଜିତ୍‌କୁ ନେଇ ଚାଲିଛି ଅଙ୍କକଷା

ବାରିପଦା ଅଫିସ,୨୭।୩

**ବାରିପଦା ପୌର ନିର୍ବାଚନ**

ମୟୂରଭଞ୍ଜ ଜିଲା ବାରିପଦା ପୌର ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ନିର୍ବାଚିତ ଓ ପରାଜିତ ପ୍ରତିନିଧିଙ୍କ ମଧ୍ୟରେ ଅଙ୍କକଷା ଚାଲିଛି। ଚାରୋଟି ପ୍ରମୁଖ ଦଳର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡିର କୃଷ୍ଣାନନ୍ଦ ମହାନ୍ତି ପୌରାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେ ମୋଟ ୨୨ହଜାର ୨୯୭ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କବି ବିଷ୍ଣୁ ଶତ୍‌ପଥୀଙ୍କୁ ପରାସ୍ତ କରିଛନ୍ତି। ବିଷ୍ଣୁଙ୍କୁ ୧୨ହଜାର ୬୮୮ ଓ କଂଗ୍ରେସ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲଙ୍କୁ ୧୨ହଜାର ୬୧ ଖଣ୍ଡ ଭୋଟ ମିଳିଥିଲା। ତେବେ ଉଭୟ ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ପାଖାପାଖି ସମାନ ସଂଖ୍ୟକ ଭୋଟ ଆସିଥିବାରୁ ବିଜେଡି ପାଇଁ ବିଜୟ ଦ୍ୱାର ଖୋଲିଯାଇଥିଲା।

ବିଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ବେଳେ ଭାଜପାର ଭୋଟହାର ୩୧ ପ୍ରତିଶତ ରହିଥିଲା। ଏହି ହାରକୁ ଦେଖି ପୌର ନିର୍ବାଚନରେ ହୋଇଥିବା ଜନାଦେଶକୁ ବିଚାରକୁ ନେଲେ ବାରିପଦା ପୌର ନିର୍ବାଚନରେ ମୋଟ ୫୩ ହଜାର ୯୦୮ ମତଦାନ ହୋଇଛି। ଯାହାକି ୨୮ଟି ୱାର୍ଡର ଭୋଟର ସଂଖ୍ୟା ୮୧ ହଜାର ୨୨୨ର ୬୬.୩୭ ଶତାଂଶ। ସେଥିମଧ୍ୟରୁ ଭାଜପାର ଭୋଟହାରକୁ ବାଦ୍ ଦେଲେ ୩୫ ପ୍ରତିଶତ ରହୁଛି। ତେବେ ପୌର ନିର୍ବାଚନରେ ବିଜେଡିର ଭୋଟହାର ୪୧.୩୬ ଥିବାବେଳେ କଂଗ୍ରେସର ୨୨.୩୭ ଓ ଭାଜପାର ୨୩.୫୪ ଶତାଂଶ ରହିଛି। ଭାଜପାର ଭୋଟହାର କମିଥିବା ବେଳେ କଂଗ୍ରେସର ବୃଦ୍ଧି ଘଟିଛି। ଭାଜପାର ଭୋଟ୍‌ଗୁଡ଼ିକ କଂଗ୍ରେସ ଖାତାକୁ ଚାଲିଯିବାରୁ ବିଜେଡି ପାଇଁ ନିର୍ବାଚନ ସହଜ ହୋଇପଡ଼ିଥିଲା। ଯାହାକି ଜନାଦେଶରେ ବିଜେଡି ଲାଗି କଂଗ୍ରେସ ଶୁଭ ସଙ୍କେତ ହୋଇଥିବାରୁ ଭାଜପାର ପରାଜୟ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଚଳିତ ନିର୍ବାଚନରେ ମତଦାନର ଏକ ଅଷ୍ଟାଂଶ ଭୋଟ୍ ପାଇ ନ ଥିବା ୧୩ଜଣ ପୌରାଧକ୍ଷ ପ୍ରାର୍ଥୀ ଅମାନତ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ସର୍ବନିମ୍ନ ଶାନ୍ତିଲତା ପାତ୍ର ୭୮ଟି ଭୋଟ ପାଇଥିବା ବେଳେ ନୋଟାରେ ୨୨୨ଖଣ୍ଡ ଭୋଟ ପଡ଼ିଥିବାର ଜଣାପଡ଼ିଛି।

